# NATIONAL NEWS BULLETIN (ODIA)

## 7 June 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ ।
- ସୀମାପାର୍ ବ୍ୟକ୍ତିଗତ ଅର୍ଥ କାରବାରକୁ ଅଧିକ ସହଜ କରିବା ପାଇଁ ଭାରତ ଓ ନେପାଳ ମଧ୍ୟରେ କାର୍ଯ୍ୟକାରୀ ହେଲା ୟୁପିଆଇ ବ୍ୟବସ୍ଥା ।
- ଆନ୍ତର୍ଜାତିକ ସୀମାରେ ଆର୍ଥିକ କାରବାର, ଆବାସ ନିର୍ମାଣ ଏବଂ ସମ୍ପତ୍ତି କ୍ରୟବିକ୍ରୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଓ ବିକ୍ରୟ ସମ୍ପର୍କିତ ସାମାଜିକ ଗଣମାଧ୍ୟମ ଖବରକୁ ଖଣ୍ଡନ କରିଛି ଏନ୍‌ଟିଏ ।

ଏବଂ

- ସାଫ୍ ମହିଳା ଚାମ୍ପିୟନସିପ୍ ୨୦୨୬ ଟାଇଟଲ ହାସଲ କଲା ଭାରତ ।

# ପିଏମ୍ ଇଏସି ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ପିଏମ୍-ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଚିନ୍ତାଧାରା ଓ ପଦକ୍ଷେପ ସମ୍ପର୍କରେ ବୈଠକରେ ପ୍ରଧାନମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କ ସହ ମତବିନିମୟ କରିଛନ୍ତି । ଜୀବନଧାରଣ ମାନରେ ସହଜତା ଏବଂ ବ୍ୟାବସାୟିକ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଆବଶ୍ୟକ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଉପରେ ମଧ୍ୟ ବୈଠକରେ ବିଚାର ବିମର୍ଷ କରାଯାଇଛି । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିରେ ଭାରତ ତଥା ବିଶ୍ୱ ଉପରେ ପଡୁଥିବା ପ୍ରଭାବ ସମ୍ପର୍କିତ ବିଭିନ୍ନ ତଥ୍ୟ ପରିଷଦର ସଦସ୍ୟମାନେ ବୈଠକରେ ଉପସ୍ଥାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥନୈତିକ ରୂପାନ୍ତରଣ ଏବଂ ଦୀର୍ଘକାଳୀନ ବିକାଶ ଯାତ୍ରା ଉପରେ ପ୍ରାଥମିକତା ପ୍ରଦାନ ନେଇ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

ଆର୍ଥିକ ପରାମର୍ଶଦାତା ପରିଷଦ ଏକ ସ୍ୱାଧୀନ ସଂସ୍ଥା, ଯାହାକି ଭାରତ ସରକାର ବିଶେଷକରି ପ୍ରଧାନମନ୍ତ୍ରୀଙ୍କୁ ଅର୍ଥନୈତିକ ପ୍ରସଙ୍ଗ ଗୁଡ଼ିକରେ ପରାମର୍ଶ ଦେଇଥାଏ । ଏହି ପରିଷଦରେ ଅଧ୍ୟକ୍ଷ, ୩ଜଣ ପୂର୍ଣ୍ଣକାଳୀନ

ସଦସ୍ୟ ଏବଂ ୧୧ଜଣ ଅସ୍ଥାୟୀ ସଦସ୍ୟ ରହିଛନ୍ତି । ଗତକାଲିର ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୁଇ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଏବଂ ଶକ୍ତିକାନ୍ତ ଦାଶ ଯୋଗ ଦେଇଥିଲେ ।

## ଜୟଶଙ୍କର-ନେପାଳ ଏଫ୍‌ଏମ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀରେ ଗତ ସଂଧ୍ୟାରେ ତାଙ୍କର ନେପାଳ ପ୍ରତିପକ୍ଷ ଶିଶିର ଖାନଲଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହି ଅବସରରେ ୨୦୧୫ ଭୂମିକମ୍ପ ପରବର୍ତ୍ତୀ ପୁର୍ନଗଠନ କାର୍ଯ୍ୟକ୍ରମ ଅଧୀନରେ ପ୍ରତିକାତ୍ମକ ଭାବେ ନେପାଳକୁ ୭୨ଟି ସ୍ୱାସ୍ଥ୍ୟ ସୁବିଧା ଏବଂ ୧୨ଟି ସାଂସ୍କୃତିକ ଐତିହ୍ୟ ପ୍ରକଳ୍ପ ଡକ୍ଟର ଜୟଶଙ୍କର ହସ୍ତାନ୍ତର କରିଛନ୍ତି । ସୀମାପାର ବ୍ୟକ୍ତିଗତ ଅର୍ଥ ଦେଣନେଣକୁ ଅଧିକ ସହଜ କରିବା ପାଇଁ ଉଭୟ ନେତା ୟୁପିଆଇ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି । ନେପାଳରେ ଭଏସ୍ ଫାଷ୍ଟ ଭାଷା ଅନୁବାଦ ପ୍ଲାଟଫର୍ମ ପାଇଁ ଉଭୟ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଡିଜିଟାଲ ଇଣ୍ଡିଆ ଭାସିନୀ ପ୍ଲାଟଫର୍ମ ଏବଂ କାଠମାଣ୍ଡୁ ବିଶ୍ୱବିଦ୍ୟାଳୟ ମଧ୍ୟରେ ଉଭୟ ନେତାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦ୍ୱିପାକ୍ଷିକ ସୀମା ସୁରକ୍ଷାକୁ ବଜାୟ ରଖିବା ପାଇଁ ମିଳିମିଶି କାର୍ଯ୍ୟ କରିବା ଉପରେ ଉଭୟ ଦେଶ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି ।

ଶ୍ରୀ ଜୟଶଙ୍କର କହିଛନ୍ତି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହୋଇଛି । ଷ୍ଟାର୍ଟଅପ୍, କୃତ୍ରିମ ବୁଦ୍ଧିମତା, ସୂଚନା ପ୍ରଯୁକ୍ତିବିଦ୍ୟା, ନବୀକରଣୀୟ ଶକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ବ୍ୟାପକ ସୁଯୋଗ ରହିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଜୟଶଙ୍କର ଉଭୟ ନେତାଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ହୋଇଥିବା ଆଲୋଚନା ଉପରେ ସୂଚନା ପ୍ରଦାନ କରିଛନ୍ତି । ନେପାଳ ବୈଦେଶିକ ମନ୍ତ୍ରୀ ଶ୍ରୀ ଖାନଲ କହିଛନ୍ତି ଭାରତ ନେପାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଏବଂ ଏହି ସମ୍ପର୍କକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଇଛି । ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଇନ୍ଧନ ଓ ସାରଯୋଗାଣ ନେଇ ଭାରତର ସହଯୋଗକୁ ଶ୍ରୀ ଖାନଲ ଉଚ୍ଚପ୍ରଶଂସା କରିଛନ୍ତି । ଶ୍ରୀ ଖାନଲ ତିନିଦିନିଆ ଭାରତ ଗସ୍ତରେ ଅଛନ୍ତି ।

## ଅମିତ ଶାହା-ବର୍ଡର

ଆନ୍ତର୍ଜାତିକ ସୀମାରେ ଆର୍ଥିକ କାରବାର, ଆବାସ ନିର୍ମାଣ ଏବଂ ସମ୍ପତ୍ତି କ୍ରୟବିକ୍ରୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା

ପରାମର୍ଶ ଦେଇଛନ୍ତି । ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ବିଏସ୍‌ଏଫ୍ ତ୍ରିପୁରା ଫ୍ରଣ୍ଟିୟର ମୁଖ୍ୟାଳୟଠାରେ ଅନୁଷ୍ଠିତ ଉତ୍ତର-ପୂର୍ବ ରାଜ୍ୟ ସୀମାନ୍ତ ଅଞ୍ଚଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୀମାନ୍ତ ଅଞ୍ଚଳରେ ଗତ ୫ବର୍ଷର ଜମି ରେକର୍ଡ ଯାଞ୍ଚ କରିବାକୁ ଶ୍ରୀ ଶାହା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ନିଶାଦ୍ରବ୍ୟ ଚୋରାଚାଲାଣ ଶୃଙ୍ଖଳକୁ ପ୍ରତିହତ କରିବା ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଶ୍ରୀ ଶାହା କହିଛନ୍ତି । ରାଜ୍ୟଗୁଡ଼ିକର ଦାୟିତ୍ୱ ହେଉଛି ସୀମାନ୍ତ ଜିଲ୍ଲା ଗୁଡ଼ିକରେ ଆର୍ଥିକ ଶୃଙ୍ଖଳା ସୁନିଶ୍ଚିତ କରିବା । କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକଟ ବୋର୍ଡ ସିବିଡିଟି ନକଲି ଟଙ୍କା କାରବାର ଉପରେ ଅନୁଧ୍ୟାନ କରିବାକୁ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ନିଶାଦ୍ରବ୍ୟ କାରବାରକୁ ରୋକିବା ଏବଂ ଅସ୍ତ୍ରଶସ୍ତ୍ର ଆହ୍ୱାନର ମୁକାବିଲା ପାଇଁ ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ଶ୍ରୀ ଶାହା ଗୁରୁତ୍ୱ ଦେଉଛନ୍ତି । ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସୀମାନ୍ତ ଅଞ୍ଚଳର ସାମଗ୍ରିକ ବିକାଶ ଓ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସଂସ୍ଥାଗୁଡ଼ିକ ମଧ୍ୟରେ ଘନିଷ୍ଠ ସମନ୍ୱୟକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି ।

## ଏନ୍‌ଟିଏ-ନିଟ୍ ରୁମୋର

ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ତଥା ବିକ୍ରୟ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଖଣ୍ଡନ କରିଛି । ଠକେଇ ର୍‌ୟାକେଟ୍ ମାଧ୍ୟମରେ ଏଭଳି ପ୍ରସଙ୍ଗ ଉତ୍‌ଥାପନ କରାଯାଇଛି । ଏହି ମିଥ୍ୟା ପ୍ରସଙ୍ଗକୁ ଗ୍ରହଣ ନକରିବାକୁ ଏନ୍‌ଟିଏ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ପରାମର୍ଶ ଦେଇଛି । ପୁନଃ ପରୀକ୍ଷା ପ୍ରକ୍ରିୟାର ସ୍ୱଚ୍ଛତା ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ରହିଛି ଏବଂ ନିରପେକ୍ଷ ତଥା ସୁରକ୍ଷିତ ପରୀକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏନ୍‌ଟିଏ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଏନ୍‌ଟିଏ' ଏହାର ୱେବ୍‌ସାଇଟ୍ ଏବଂ ଅନ୍ୟାନ୍ୟ ପ୍ଲାଟଫର୍ମରେ ପ୍ରଦାନ କରାଯାଉଥିବା ତଥ୍ୟ ଉପରେ ନିର୍ଭର କରିବାକୁ ପରାମର୍ଶ ଦେଇଛି ।

## ଇ-ବସ୍ କମନୱେଲ୍‌ଥ

ଆଗାମୀ ଭାରତ କ୍ଷେତ୍ର ରାଷ୍ଟ୍ରଗୋଷ୍ଠୀ ସଂସଦୀୟ ସଂଘ ଦ୍ୱିତୀୟ ଆଞ୍ଚଳିକ ସମ୍ମିଳନୀ ପାଇଁ ୬ଟି ବୈଦ୍ୟୁତିକ ବସ୍ ବ୍ୟବହାର କରାଯିବା ନେଇ

ହରିୟାଣା ବିଧାନସଭା ନିଷ୍ପତ୍ତି ନେଇଛି । ଚଣ୍ଡିଗଡଠାରେ ଏହି ସମ୍ମିଳନୀ ଆସନ୍ତା କାଲିଠାରୁ ୧୦ତାରିଖ ପର୍ଯ୍ୟନ୍ତ ଚାଲିବ । ବାଚସ୍ପତି ହରବିନ୍ଦର କଲ୍ୟାଣ କହିଛନ୍ତି ଏହି ବସ୍‌ଗୁଡ଼ିକରେ ସଂଘର ପ୍ରତିନିଧିଗଣ ଯାତାୟତ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବଳ ସଂରକ୍ଷଣ ଆହ୍ୱାନ ପରିପ୍ରେକ୍ଷୀରେ ସମନ୍ୱିତ ତଥା ପରିବେଶ ସୁରକ୍ଷା ଓ ଖର୍ଚ୍ଚ ହ୍ରାସକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବାଚସ୍ପତି କହିଛନ୍ତି ।

## ଆଇଏଟିଏ ଇଣ୍ଡିଆ ଏଭିଏସନ ଗ୍ରୋଥ୍

ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିମାନ ପରିବହନ ଅଭିବୃଦ୍ଧି କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ ଆଇଏଟିଏ କହିଛି । ୨୦୪୪ ସୁଦ୍ଧା ବିମାନ ଯାତ୍ରୀଙ୍କ ସଂଖ୍ୟା ୪ ଦଶମିକ ୧ ବିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଥିବା ସେ କହିଛନ୍ତି । ବ୍ରାଜିଲଠାରେ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ ସଂଘର ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଆଞ୍ଚଳିକ

ଉପାଧ୍ୟକ୍ଷ ସେଲଡନ ହି କହିଛନ୍ତି ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଘରୋଇ ନାଗରିକ ବିମାନ ପରିବହନ ବଜାର ମଧ୍ୟରେ ଅନ୍ୟତମ ପାଲଟିଛି । ଗତ ୫ରୁ ୧୦ ବର୍ଷ ମଧ୍ୟରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଭିବୃଦ୍ଧି ଦୃଢ଼ ରହିଛି ଏବଂ ଆଗାମୀ ଦଶନ୍ଧି ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ଜାରି ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ୩୭୦ରୁ ଅଧିକ ବିମାନ କମ୍ପାନୀକୁ ନେଇ ଆଇଏଟିଏ ଗଠନ କରାଯାଇଛି । ବିଶ୍ୱ ବିମାନ ପରିବହନର ପ୍ରାୟ ୮୫ ପ୍ରତିଶତ ଏହି ସଂଘର ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଆଇଏଟିଏର ବାର୍ଷିକ ସାଧାରଣ ବୈଠକ ଓ ବିଶ୍ୱ ବିମାନ ପରିବହନ ତିନିଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି ।

## ଇସ୍ରାଏଲ-ଗାଜା କିଲ୍ଡ

ଗାଜାରେ ଗତକାଲି ଇସ୍ରାଏଲ ଆକ୍ରମଣରେ ୨ଜଣ ମହିଳାଙ୍କ ସମେତ ଅତିକମ୍‌ରେ ୭ଜଣ ପାଲେଷ୍ଟେନିୟଙ୍କର ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଗାଜା ସହରର ଅସ୍ଥାୟୀ

ଶିବିରକୁ ଲକ୍ଷ୍ୟକରି ଇସ୍ରାଏଲ ପକ୍ଷରୁ ଆକାଶମାର୍ଗରୁ ଏହି ଆକ୍ରମଣ କରାଯାଇଛି । ଏଥିରେ ଶିଶୁଙ୍କୁ ମିଶାଇ ୧୫ଜଣ ଆହତ ହୋଇଛନ୍ତି । ଇସ୍ରାଏଲ ସାମରିକ ମୁଖପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଆତଙ୍କବାଦୀ ଶିବିରକୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଛି । ଅନ୍ୟପକ୍ଷରେ କାଇରୋଠାରେ ମଧ୍ୟସ୍ଥତାଙ୍କ ଦ୍ୱାରା ଅସ୍ତ୍ରବିରତି ଚୁକ୍ତିନାମା ନେଇ ପୁଣି ଆଲୋଚନା ଆରମ୍ଭ ହେବାକୁ ଥିବା ପରିପ୍ରେକ୍ଷୀରେ ଏଭଳି ଆକ୍ରମଣ ଜାରି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଯୁଦ୍ଧବିରତି ନେଇ ହୋଇଥିବା ଆଲୋଚନା ଇସ୍ରାଏଲ ପକ୍ଷରୁ ଆକ୍ରମଣକୁ ବନ୍ଦ କରିବାରେ ବିଫଳ ହୋଇଥିବା ଜଣାପଡିଛି ।

## ଡବ୍ଲ୍ୟୁବି-ରିଲିଜିୟ ସାଇଟ୍ସ

ପଶ୍ଚିମବଙ୍ଗର ଦକ୍ଷିଣେଶ୍ୱର ଏବଂ କାଳୀଘାଟ ମନ୍ଦିର ସମେତ ପ୍ରମୁଖ ଧାର୍ମିକ ସ୍ଥଳୀଗୁଡ଼ିକରେ ସୁବିଧାସୁଯୋଗକୁ ଉନ୍ନତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଗଙ୍ଗାସାଗର ମେଳାକୁ ଅନ୍ତର୍ଜାତୀୟ

ମାନଦଣ୍ଡ ପର୍ଯ୍ୟନ୍ତ ଉନ୍ନୀତ କରିବାକୁ ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି । କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଅଧିକାରୀ କହିଛନ୍ତି ତାରକେଶ୍ୱରରେ ଆଗାମୀ ଶ୍ରାବଣୀ ମେଳା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ତୃଣମୂଳକ କଂଗ୍ରେସ ପ୍ରଶାସନକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଗତ ୧୫ବର୍ଷ ଧରି ରାଜ୍ୟ ନିଯୁକ୍ତି ସୁଯୋଗର ଅଭାବ ସୃଷ୍ଟି ହୋଇଥିବାବେଳେ ତତ୍କାଳୀନ ସରକାର ବ୍ୟାପକ ଦୁର୍ନୀତିରେ ଲିପ୍ତ ରହିଥିଲେ ।

## ସାଫ୍ ଓ୍ୱିମେନ୍ ଚାମ୍ପିୟନସିପ୍

ସାଫ୍ ମହିଳା ଚାମ୍ପିୟନସିପ୍ ୨୦୨୬ ଟାଇଟଲ ଭାରତ ହାସଲ କରିଛି । ଗୋଆର ମଡଗାଓଁଠାରେ ଗତକାଲି ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତୀୟ ମହିଳା ଫୁଟବଲ ଦଳ ପ୍ରତିପକ୍ଷ ବାଂଲାଦେଶକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ରେକର୍ଡ ଷଷ୍ଠଥର ଟାଇଟଲ ହାସଲ କରିଛି । ୭ବର୍ଷ ପରେ ଭାରତ ଏହି ବିଜୟ ହାସଲ କରିଛି ।

# କ୍ରିକେଟ୍ : ଭାରତ-ଇଂଲଣ୍ଡ

ନ୍ୟୁ ଚଣ୍ଡିଗଡ଼ର ମୁଲାନ୍‌ପୁର୍ ଟେଷ୍ଟରେ ଆଜି ଦ୍ୱିତୀୟ ଦିନର ବ୍ୟାଟିଂ ଭାରତ ଗତକାଲିର ସ୍କୋର ୩ ୱିକେଟ୍‌ରେ ୩୬୮ରନ୍‌ରୁ ଆରମ୍ଭ କରିବ । ଗତକାଲିର ପ୍ରଥମ ଦିନରେ ଟସ୍ ଜିତି ଭାରତ ବ୍ୟାଟିଂ ଆରମ୍ଭ କରିଥିଲା । କେ.ଏଲ୍. ରାହୁଲ ଏବଂ ଅଧିନାୟକ ଶୁଭମନ ଗିଲ୍ ଶତକୀୟ ପାଳି ଖେଳିଥିବା ବେଳେ ସାଇ ସୁଦର୍ଶନ ୮୧ରନ୍ ସଂଗ୍ରହ କରିଥିଲେ । ରିଷଭ ପନ୍ଥ ଅର୍ଦ୍ଧଶତକ ଏବଂ ଅଧିନାୟକ ଶୁଭମନ ଗିଲ୍ ୧୦୩ ରନ୍ ସହ କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଆଫ୍‌ଗାନିସ୍ତାନ ପକ୍ଷରୁ ମହମ୍ମଦ ସଲିମ୍ ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଜିଆଉର୍ ରହେମାନ ଗୋଟିଏ ୱିକେଟ୍ ପାଇଛନ୍ତି ।